ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HT&H (OD)/1393/05-03-2021

# ଫ୍ରାନ୍ସ ରାଷ୍ଟ୍ରଦୂତଙ୍କ 'କଳାଭୂମି' ପରିଦର୍ଶନ

ଭୁବନେଶ୍ୱର, ତା.୦୫/୦୩/୨୦୨୧

ଆଜି ଅପରାହ୍ଣରେ ଫ୍ରାନ୍ସର ରାଷ୍ଟ୍ରଦୂତ ଶ୍ରୀ ଏମାନୁଏଲ୍ ଲେନାଇନ୍ କଳାଭୂମି ପରିଦର୍ଶନ କରିବାକୁ ଆସିଥିଲେ । ତାଙ୍କ ସହିତ କୋଲକାତାସ୍ଥିତ ଫ୍ରାନ୍ସ ଦୂତାବାସରେ ଅବସ୍ଥାପିତ କନ୍ସୁଲେଟ୍ ଜେନେରାଲ୍ ଭିର୍ଜିନି କର୍ଟେଭାଲ୍ ଏବଂ ଦୂତାବାସର ଅର୍ଥନୈତିକ ତଥା ବୈଜ୍ଞାନିକ ସହଯୋଗ ପରାମର୍ଶଦାତା ଏମିଲିଆ କାର୍ଟିଆର୍ ମଧ୍ୟ କଳାଭୂମି ପରିଦର୍ଶନ କରିଥିଲେ । ଅତିଥିମାନେ ସଂଗ୍ରହାଳୟ ପରିସରରେ ପ୍ରଦର୍ଶିତ ହୋଇଥିବା ବିଭିନ୍ନ ପ୍ରକାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ଭରପୂର ଉପଭୋଗ କରିଥିଲେ । କୋଭିଡ୍-୧୯ ପାଇଁ ସରକାରଙ୍କ ଅନୁମୋଦିତ ନିର୍ଦ୍ଦେଶାବଳୀ ପାଳନ କରି କଳାଭୂମି କର୍ମଚାରୀମାନେ ଅତିଥିମାନଙ୍କୁ ସଂଗ୍ରହାଳୟ ପରିଦର୍ଶନରେ ସହାୟତା କରିଥିଲେ । ପରିଦର୍ଶନ ସମୟରେ ଅତିଥିମାନେ ଓଡ଼ିଶାର କାରିଗର ଏବଂ ବୁଣାକାରମାନଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ ।

ଡକ୍ଟର ଜ୍ୟୋତିର୍ମତୀ ସାମନ୍ତରାୟ
ସୂଚନା ଅଧିକାରୀ